# YouTube Live Class

କୋଭିଡ୍ ମହାମାରୀ ସମୟରେ ବିଦ୍ୟାଳୟ ଗୁଡିକରେ ସ୍ୱାଭାବିକ ଶିକ୍ଷାଦାନ ବନ୍ଦ ଥିବାରୁ ରାଜ୍ୟ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ବିକଳ୍ପ ଶିକ୍ଷା ଦାନ ବ୍ୟବସ୍ଥା ମଧ୍ୟରେ YouTube Live Class କାର୍ଯ୍ୟକ୍ରମ ଅନ୍ୟତମ ।

**ଏହି କାର୍ଯ୍ୟ କ୍ରମ ସମ୍ପର୍କରେ ସବିଶେଷ ସୂଚନା ନିମ୍ନରେ ଦିଆଗଲା:**

- ତା ୨୧.୦୬.୨୦୨୧ ରିଖ ଠାରୁ YouTube Live streaming ମାଧ୍ୟମରେ ପ୍ରଥମ ଠାରୁ ଦଶମ ଶ୍ରେଣୀ ର ଛାତ୍ର ଛାତ୍ରୀ ଙ୍କ ନିମନ୍ତେ ପାଠ୍ୟ ଦାନ କାର୍ଯ୍ୟକ୍ରମ ଆରମ୍ଭ ହେଉଛି ।
- ସମସ୍ତ ଶ୍ରେଣୀ ପାଇଁ ବିଦ୍ୟାଳୟ ଭଳି ଦୈନନ୍ଦିନ Routine ପ୍ରସ୍ତୁତ କରାଯାଇଛି ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଯାଇଛି। ଏହି ରୁଟିନ ଓସେପା ୱେବ ସାଇଟ **(www.osepa.odisha.gov.in)** ରେ ମଧ୍ୟ ଉପଲବ୍ଧ ଅଛି ।
- Routine ଅନୁସାରେ ସୋମବାର ରୁ ଶୁକ୍ର.ବାର ପର୍ଯ୍ୟନ୍ତ YouTube Live Class ଚାଲିବ ।
- ପ୍ରଥମ ଶ୍ରେଣୀ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ଙ୍କ ନିମନ୍ତେ ସକାଳ ୯ ଟା ରୁ ସକାଳ ୧୦.୩୦ ପର୍ଯ୍ୟନ୍ତ ମୋଟ ୩ ଟି ପିରିୟଡ ରେ ପାଠ ପଢା ହେବ ।ଏକ ସମୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢା ଚାଲିବ ।
- ନବମ ଓ ଦଶମ ଶ୍ରେଣୀ ର ଛାତ୍ର ଛାତ୍ରୀ ଙ୍କ ନିମନ୍ତେ ସକାଳ ୧୦.୪୫ ରୁ ଅପରାହ୍ନ ୧ପର୍ଯ୍ୟନ୍ତ ମୋଟ ୪ ଟି ପିରିୟଡ ରେ ପାଠ ପଢା ହେବ ।ଏକ ସମୟରେ ନବମ ଓ ଦଶମ ଶ୍ରେଣୀ ର ପାଠ ପଢା ଚାଲିବ ।
- ପ୍ରତି ପିରିୟଡର ଅବଧି ୩୦ ମିନିଟ ରହିବ ଓ ଦୁଇଟି ପିରିୟଡ ମଝି ରେ ୫ ମିନିଟ ବ୍ୟବଧାନ ରହିବ ।
- ପ୍ରତି ଶ୍ରେଣୀର ଦୈନନ୍ଦିନ କାର୍ଯ୍ୟନିର୍ଘଣ୍ଟ ( routine) ଅନୁସାରେ ଗୋଟିଏ ଶ୍ରେଣୀ ର ଗୋଟିଏ ପିରିୟଡ ରେ ଜଣେ ଶିକ୍ଷକ/ଶିକ୍ଷୟିତ୍ରୀ ସାରା ରାଜ୍ୟ ର ଛାତ୍ର ଛାତ୍ରୀ ଙ୍କ ନିମନ୍ତେ ଶିକ୍ଷାଦାନ କରିବେ । ଏଥିପାଇଁ ଜିଲ୍ଲା ଗୁଡିକୁ ଶ୍ରେଣୀ ଓ ବିଷୟ ବାଣ୍ଟି ଦିଆଯାଇଛି ।
- ପ୍ରତି ଶ୍ରେଣୀ ପାଇଁ ସ୍ୱତନ୍ତ୍ର **YouTube Channel** ଖୋଲା ଯାଇଛି । ନିର୍ଦ୍ଧାରିତ ସମୟରେ ପିଲା ତାଙ୍କ ଶ୍ରେଣୀ ର **YouTube Channel** ଖୋଲି ଚାଲୁଥିବା ସିଧା

ପ୍ରସାରଣ ପାଠପଢା (live class) ଦେଖିପାରିବେ । ପରେ ମଧ୍ୟ ଯେ କୌଣସି ସମୟରେ ସେହି **YouTube Channel** ଖୋଲି ପୂର୍ବରୁ ଶେଷ ହୋଇଥିବା **class** ଗୁଡିକର ଭିଡିଓ ଦେଖିପାରିବେ ।

- ପ୍ରତ୍ୟେକ ବିଦ୍ୟାଳୟର ବିଷୟ ଭିତ୍ତିକ ଶିକ୍ଷକ-ଶିକ୍ଷୟିତ୍ରୀ ( Subject Teachers) ଏହି ସିଧା ପ୍ରସାରଣ ପାଠପଢା (Live Class)କୁ ନିୟମିତ ଦେଖିବେ ଓ ତାଙ୍କ ନିଜ ବିଦ୍ୟାଳୟର ପିଲାମାନଙ୍କର ପଢାଯାଉଥିବା lesson ସମ୍ପର୍କିତ କିଛି ସନ୍ଦେହ ( Doubt) ଥିଲେ ତାହାକୁ ମେସେଜ (Chat) କିମ୍ବା ଫୋନ (Voice Call) ମାଧ୍ୟମରେ ଦୂର କରିବେ।
- ପ୍ରତ୍ୟେକ ବିଦ୍ୟାଳୟର କେତେଜଣ ପିଲା ଓ କେଉଁ ବିଷୟ ଏହି ସିଧା ପ୍ରସାରଣ ( Live Class) ଦେଖିଲେ, ତାହା ବିଦ୍ୟାଳୟ ସ୍ତରରେ ବିଷୟ ଭିତ୍ତିକ ଶିକ୍ଷକ-ଶିକ୍ଷୟିତ୍ରୀ( Subject Teachers) ମାନେ ଏକ ରେଜିଷ୍ଟରରେ ଦୈନିକ ଲିପିବଦ୍ଧ କରି ରଖିବେ।
- ବିଷୟ ଭିତ୍ତିକ ଶିକ୍ଷକ-ଶିକ୍ଷୟିତ୍ରୀ( Subject Teachers) ମାନେ ବିଷୟ ଓ ଶ୍ରେଣୀ ଅନୁସାରେ ( Subject & Class Wise)ପ୍ରତ୍ୟେକ ପ୍ରସଙ୍ଗ ( Each Chapter) ର କାର୍ଯ୍ୟଫର୍ଦ୍ଦ (Work Sheet) ତଥା ଆକଳନ ଫର୍ଦ୍ଦ (Assessment Sheet)ପ୍ରସ୍ତୁତ କରି WhatsApp ମାଧ୍ୟମରେ ପିଲାମାନଙ୍କ ଘରକୁ ପଠାଇବେ।
- ରାଜ୍ୟ ସ୍ତରୀୟ ନିର୍ଦ୍ଧାରିତ ସମୟ ସାରଣୀ କୁ ଛାଡି ଅନ୍ୟ ସମୟରେ ବିଦ୍ୟାଳୟ ସ୍ତରରେ ଶିକ୍ଷକ ମାନେ ଅତିରିକ୍ତ Online /Virtual ଶ୍ରେଣୀ (Additional Class) ନେଇ ପାରିବେ।
- ପିଲାମାନେ କିପରି ମୋବାଇଲ/ **laptop/Desktop** ରେ ଏହି ସିଧା ପ୍ରସାରଣ ପାଠ ପଢା ( Live Class) ଦେଖିପାରିବେ ସେଥିପାଇଁ ମାର୍ଗଦର୍ଶିକା ମଧ୍ୟ ଏହି ୱେବ ସାଇଟ ରେ ଦିଆ ଯାଇଛି।
- ପିଲାମାନେ ଠିକ ସମୟରେ ସିଧା ପ୍ରସାରଣ ପାଠ ପଢା (live class)ଗୁଡିକୁ କିପରି ଦେଖିବେ ତାହା ସୁନିଶ୍ଚିତ କରିବା ପାଇଁ ଅଭିଭାବକ ମାନଙ୍କୁ ନିବେଦନ ।